Email Id: - tah.jamda-od@nic.in

# ତହସିଲ କାର୍ଯ୍ୟାଳୟ,ଜାମଦା, ଜିଲ୍ଲା-ମୟୁରଭଞ୍ଜ

ବିଜ୍ଞାପନ ସଂଖ୍ୟା- ୨୧୯୯//ତା: ୦୮/୦୮/୨୦୧୮/

## ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର.

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ତ ଜାମଦା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଅବଶିଷ୍ଟ ୩(ତିନି) ଗୋଟି ଲଘୁ ଖଣିଜ ଖାଦାନଗୁଡ଼ିକର ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ପାଞ୍ଚ ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୩) ତହସିଲଦାର , ଯାମଦାଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rule-2016** ର **Form-M** ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ଜଉମୁଦଦିଆ ଲଫାପା ଉପରେ ସେହିଉତ ଉତ୍ସର ନାମ ଏବଂ କେଶ ନଂ ଲେଖି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ୧୧.୦୯.୨୦୧୮ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧାପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ତା ୧୨.୦୯.୨୦୧୮ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ। ପ୍ରଥମ ଧାର୍ଯ୍ୟ ଦିବସରେ ଲିଜ ଚୂଡ଼ାନ୍ତ ହୋଇପାରି ନ ଥିବା ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା ୧୭.୦୯.୨୦୧୮ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇ ପରଦିନ ତା ୧୮.୦୯.୨୦୧୮ ପୂର୍ବାହ୍ନ ୧୧ ଘଟିକା ଉପରବର୍ଣ୍ଣିତ ପ୍ରକ୍ରିୟାରେ ତନଖି କରାଯାଇ ଲିଜ୍ ଚୂଡ଼ାନ୍ତ କରାଯିବ । ପ୍ରଥମ ଓ ଦ୍ୱିତୀୟ ଧାର୍ଯ୍ୟ ଦିବସରେ ଲିଜ ଚୂଡ଼ାନ୍ତ ହୋଇପାରି ନ ଥିବା ଉତ୍ସଗୁଡ଼ିକ ପାଇଁ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା ୨୪.୦୯.୨୦୧୮ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇ ପରଦିନ ତା ୨୫.୦୯.୨୦୧୮ ପୂର୍ବାହ୍ନ ୧୧ ଘଟିକା ଉପରବର୍ଣ୍ଣିତ ପ୍ରକ୍ରିୟାରେ ତନଖି କରାଯାଇ ଲିଜ୍ ଚୂଡ଼ାନ୍ତ କରାଯିବ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଯାମଦା ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ। କୌଣସି କାରଣ ନ ଦର୍ଶାଇ ଲିଜ୍‌କୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି । ଏହା ବ୍ୟତୀତ ଇସ୍ତାହାର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ "www.mayurbhanj.nic.in" ରେ ମଧ୍ୟ ଦେଖିପାରିବେ ।

Details of source for long term lease

| Sl. No. | Name of the Sairat Source | Name of the village | Khata No. | Plot No. | Area | Kissam | Minimum guaranteed Quantity | Minimum additional charge@5% of the royalt of Rs.35/- per cum. Sand minumin additional charg is Rs.2/- per cum & Minimum additional charge@5% of the royalt of Rs.130/- per cum. Ston i.e. minumin additional charge is Rs.7/- per cum |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Bhagabeda Sand Bed | Bhagabeda | 95 | 792/1 | Ac.12.35dc. | Nadi | 3090 Cum | Rs.2/- |
| 2 | Hensda Sand Bed | Hensda | 177 | 1 & 216/ 1399/1 | Ac. 12.35dc. | Nadi | 3191 Cum | Rs.2/- |
| 3 | Mugudi Stone Quarry | Mugudi | 112 | 933,936, 964,967 | Ac. 5.44dc. | Patharbani | 864 Cum | Rs.7/- |

08.08.18

ତହସିଲଦାର, ଜାମଦା

Email Id: - tah.jamda-od@nic.in

## ଆବେଦନ ପତ୍ର ( Form –M ) ସହିତ ଦାଖଲ କରିବାକୁଥିବା ଦଲିଲ/କାଗଜାତ

୧-ଦରଖାସ୍ତ ଫି ବାବଦକୁ ଟ୧୦୦୦ଙ୍କା ( ଏକ ହଜାର ଟଙ୍କା ) ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ ଯୋଗ୍ୟ ନୁହେଁ ଏବଂ ଏହା ନିମ୍ନ ଲିଖିତ head of account ରେ ଜମା ହେବା ଉଚିତ୍ ।

"0853-Non-ferrous Mining & Metallurgical Industries –102 – Mineral concession fees , Rents & Royalties with mention treasury challan No. and date."

୨-ଖଣିଜଦ୍ରବ୍ୟ ବାବଦରେ କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩-ଦରଖାସ୍ତ କରିଥିବା ସୈରାତ ଉତ୍ସ ବାବଦକୁ ଅମାନତ ରାଶି **(EMD)** ଯାହାକି ଧାର୍ଯ୍ୟକରାଯାଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ **(Minimum Guaranteed Quantity)** ପରିମାଣ ଉପରେ ନିର୍ଦ୍ଧାରିତ **Royalty** ଏବଂ ଆବେଦନକାରୀ ଦର୍ଶାଇଥିବା **Additional Charge** ର ଶତକଡା ୫ ଭାଗ ହୋଇଥିବ ଏବଂ ଏହି ଅର୍ଥକୁ ତହସିଲଦାର,ଯାମଦାଙ୍କ ଉଦ୍ଦେଶ୍ୟରେ **Bank draft** ଆକାରରେ ଦରଖାସ୍ତ ସହିତ ଦାଖଲ କରିବେ ।

୪- **Solvency Certificate** ଯାହାକି ବାର୍ଷିକ ସର୍ବନିମ୍ନ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ **(Minimum guaranteed quantity )** ନିମନ୍ତେ ନିର୍ଦ୍ଧାରିତ ରୟାଲଟି **( Royality )** ଏବଂ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଦେୟ **( Additonal Charge )** ଠାରୁ କମ୍ ହୋଇନଥିବ ଏବଂ ତାହା ୧୮ମାସ ପର୍ଯ୍ୟନ୍ତ ବୈଧ ଥିବ ।

### ସର୍ତ୍ତାବଳୀ

୧-ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ବିହାତି ଆଇନ **( OMMC Rules – 2016)** ର ପରିସରଭୁକ୍ତ ରହିବେ ଏବଂ ଏହା ଅନ୍ତର୍ଗତ ସମସ୍ତ ସର୍ତ୍ତାବଳୀ ପାଳନ କରିବାକୁ ବାଧ୍ୟ ରହିବେ ।ଏତଦ୍‌ବ୍ୟତୀତ ଯଦି ସରକାରଙ୍କ ଦ୍ୱାରା ଆଇନରେ କିଛି ପରିବର୍ତ୍ତନ କରାଯାଏ , ତେବେ ତାହା ପାଳନ କରିବେ ।

୨-ଲିଜପାଇଁ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନକରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଏବଂ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗନେବେ । ପରବର୍ତ୍ତୀ ସମୟରେ ସୈରାତ ଚଳାଇବା ବାବଦରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ ।

୩- ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪-ଆବେଦନକାରୀ ଦରଖାସ୍ତରେ **Additional Charge** ସ୍ପଷ୍ଟ ଭାବରେ ଲେଖିବେ ଯାହା ସର୍ବନିମ୍ନ ଧାର୍ଯ୍ୟ **Additional Charge** ଠାରୁ କମ୍ ହୋଇ ନ ଥିବ । ସର୍ବନିମ୍ନ **Additional Charge** ଠାରୁ କମ୍ ଦର୍ଶାଯାଇଥିବା କିମ୍ବା ଆବଶ୍ୟକୀୟ କାଗଜାତ୍ ସଂଲଗ୍ନ ନ ଥିବା ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

ଲିଜ୍‌ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ତଥା ସର୍ବାଧିକ **Additional Charge** ଦର୍ଶାଇଥିବା ଆବେଦନକାରୀଙ୍କୁ ଲିଜ୍ ପ୍ରଦାନ କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କର ଦ୍ୱାରା ଦର୍ଶାଯାଇଥିବା ଏହି ମୂଲ୍ୟ ସମାନ ଥାଏ, ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୫-ବିଗତ ବର୍ଷ ( ୧୪।୧୨।୨୦୧୬ ଠାରୁ ) ଲଘୁ ଖଣିଜ ଜାତ ଦ୍ରବ୍ୟ ପାଇଁ **OMMC Rules – 2016** ଅନୁଯାୟୀ ନିମ୍ନମତେ **Royality, Surface Rent** ଏବଂ **Dead Rent** ଧାର୍ଯ୍ୟ ହୋଇଅଛି ।

| | |
|---|---|
| Stone per Cum | -Rs.130.00 |
| Morrum/sand Per Cum | -Rs.35.00 |
| Surface Rent per Ha. Per Annum for all Minor Minerals | -Rs.360.00 |
| Dead Rent Per Ha. Per Annum for Stone | -Rs.18000.00 |
| Dead Rent Per Ha. Per Annum for Morrum/Sand/Earth | -Rs.10500.00 |

୬-ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ସୂଚିତ କରାଯିବ ଏବଂ ସୂଚନା ପାଇବାର ୧୫ ଦିନ ମଧ୍ୟରେ ସେ ଲଘୁ ଖଣିଜ ଦ୍ରବ୍ୟ ରହାତି ( ସଂଶୋଧନ ) ଆଇନ-୨୦୧୬ରେ ଥିବା ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ **Royalty** ଏବଂ ଦରଖାସ୍ତ ରେ ଦର୍ଶାଯାଇଥିବା **Additional Charge** ତଥା **District Mineral Foundation** କୁ ଥିବା ଦେୟର ଅର୍ଥ **Draft** ଆକାରରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଜମା କରିବେ ଏବଂ **OMMC Rule-2016** ର ସମସ୍ତ ନିୟମର ସଠିକ ଅନୁପାଳନ ନିମନ୍ତେ ଲିଜ୍‌ଧାରୀ ଚୁକ୍ତିନାମା ସମ୍ପାଦନ ହେବା ପୂର୍ବରୁ **Security Deposit** ବାବଦକୁ ଟ.୧୦,୦୦୦/-ଙ୍କା (ଦଶହଜାର) ଦାଖଲ କରିବେ ।

୭-ଲିଜ୍ ହେବାକୁଥିବା ସୈରାତ ଉତ୍ସଗୁଡ଼ିକର **Mining Plan** ଏବଂ ପରିବେଶ ମଞ୍ଜୁରୀ ବିଭାଗୀୟ କ ୃପକ୍ଷଙ୍କଠାରୁ ହସ୍ତଗତ ହୋଇଅଛି । ହସ୍ତଗତ ହୋଇଥିବା ସମ୍ପୃକ୍ତ ଉତ୍ସର **Mining Plan** ଖର୍ଚ୍ଚ ବାବଦକୁ ଟ.୪୦,୦୦୦/-ଙ୍କା ଲିଜ୍‌ଧାରୀ ଚୁକ୍ତିନାମା ପୂର୍ବରୁ ଦାଖଲ କରିବେ । Scrutiny Fee ଟ.୨,୦୦୦/-ଙ୍କା (Sand) ଓ ଟ.୧,୦୦୦/-ଙ୍କା (Stone) ବାବଦକୁ Separate Draft ଦାଖଲ୍ କରିବେ ।

୮-ଇସ୍ତାହାରରେ ଦର୍ଶାଯାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣରେ ପରିବର୍ତ୍ତନ ହେଲେ ସେହି ଅନୁସାରେ ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେବ ଏବଂ ଲିଜ୍‌ଧାରୀ ବକେୟା ଅର୍ଥ ପୈଠ କରିବେ ।

୯-ଲିଜଧାରୀ **Royalty , Additional Charge** ସହିତ ନିର୍ଦ୍ଧାରିତ **Surface rent , Dead rent ,**

**Fees for compensatory afforestation, Royalty** ଏବଂ **Additional Charge** ର ୧୦ ପ୍ରତିଶତ **District Mineral Foundation Fees,** ୫ ପ୍ରତିଶତ **Environment Management Fund** ଏବଂ ୨ ପ୍ରତିଶତ ( ଯଦି **Pan Card** ଥାଏ ) କିମ୍ବା ୨୦ ପ୍ରତିଶତ ( ଯଦି **Pan Card** ନ ଥାଏ ) ଆୟକର ବାବଦକୁ ଦାଖଲ କରିବେ ।

୧୦-ଲିଜ୍‌ଧାରୀ ପ୍ରତିବର୍ଷ **Royalty** ସହିତ ଧାର୍ଯ୍ୟ **Surface rent** ଏବଂ **Dead rent** ଜମା କରିବେ ।

୧୧-ଲିଜ୍‌ଧାରୀ ବାର୍ଷିକ ସର୍ବନିମ୍ନ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ଉପରେ **Additional Charge, District Mineral Foundation fees, Environment Management fees** ଅଗ୍ରୀମ ଆକାରରେ ଜମାକରିବେ ।

୧୨-ସର୍ବନିମ୍ନ ଧାର୍ଯ୍ୟ ପରିମାଣଠାରୁ ଅଧିକ ଉତ୍ତୋଳନ କଲେ ଧାର୍ଯ୍ୟଦେୟକୁ ସେହି ଅନୁପାତରେ ବର୍ଦ୍ଧିତ ହାରରେ ଜମା କରିବାକୁ ପଡ଼ିବ ।

୧୩-ସରକାରଙ୍କଦ୍ୱାରା ଧାର୍ଯ୍ୟଦେୟରେ ପରିବର୍ତ୍ତନ ହେଲେ, କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ, ଲିଜ୍‌ଧାରୀ ପାଳନ କରିବାକୁ ବାଧ୍ୟ ରହିବେ ।

୧୪-ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କଲେ ଲିଜଧାରୀ **Royalty , Additional Charge** ଏବଂ **District Mineral Foundation fees** କୁ ଆନୁପାତିକ ହାରରେ ଜମା କରି ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ।

୧୫-ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ପୂର୍ବରୁ ରାଜ୍ୟ ପ୍ରଦୂଷଣ ବୋର୍ଡ଼ରୁ (Concert to Board) ସମ୍ମତି ଆଣିବେ ।

୧୬-ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ସମ୍ମତି ମିଳିବା ପରେ ଲିଜଧାରୀ **Registration Act, 1908** ଏବଂ **Stamp Act. 1899** ଅନୁଯାୟୀ ନିଜ ଖର୍ଚ୍ଚରେ ନିର୍ଦ୍ଧାରିତ ଫର୍ମରେ ଲିଜ ଚୁକ୍ତିନାମା ସମ୍ପାଦନ କରିବେ ।

Email Id: - tah.jamda-od@nic.in

୧୭-ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ସୈରାତ୍ ଉତ୍ସଥିବା ପ୍ଲଟର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ **Display Board** ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା, ଲିଜ୍ ଅବଧି, ଲିଜଧାରୀଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଉଲ୍ଲେଖ କରିବେ ।ଲିଜ୍ ଏରିଆ ଚିହ୍ନଟ ବାବଦକୁ ଲିଜ୍‌ଧାରୀଙ୍କୁ ଟ.୧୦୦/- (ଏକ ଶହ ଟଙ୍କା) ଏକ ହେକ୍ଟର ହିସାବରେ ଦାଖଲ କରିବାକୁ ପଡିବ ।

୧୮-ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରିବା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ନାହିଁ ।

୧୯-ଲିଜ୍‌ଧାରୀ **OMMC Rule-2016** ନିର୍ଦ୍ଦେଶନାମା ଅନୁସାରେ ସୈରାତ ଉତ୍ସ ପରିଚାଳନା କରିବାକୁ ବାଧ୍ୟ ରହିବେ ନଚେତ ଲିଜ୍ ରଦ୍ଦ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୨୦-ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟଦେୟ ପୈଠ ନ କଲେ, ୨୪ ପ୍ରତିଶତ ସୁଧହାରରେ ଲିଜ୍‌ଧାରୀଙ୍କଠାରୁ ଆଦାୟ କରାଯାଇ ପାରିବ ।

୨୧-ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

୨୨-କୌଣସି କାରଣ ନ ଦର୍ଶାଇ ଇସ୍ତାହାର ବାତିଲ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ଜ୍ଞାପକ ସଂଖ୍ୟା-.୨୨୦୦ //ତା: ୦୮/୦୮/୨୦୧୮ //

ଏହାର ଏକକିତା ନକଲ ଜିଲ୍ଲାପାଳ , ମୟୂରଭଞ୍ଜ/ ଉପଜିଲ୍ଲାପାଳ, ବାମନଘାଟି,ରାଇରଙ୍ଗପୁର / ଗୋଷ୍ଠୀ ଉନ୍ନୟନ ଅଧୀକାରୀ, ଜାମଦା / ଜାମଦା ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ / ଜାମଦା ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚଙ୍କ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ **Form-M** ର ଏକ **Sample Copy** ସହ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ , ମୟୂରଭଞ୍ଜଙ୍କୁ ଜିଲ୍ଲା www.mayurbhanj.nic.in website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜାମଦା

ଜ୍ଞାପକ ସଂଖ୍ୟା-.୨୨୦୧//ତା: ୦୮/୦୮/୨୦୧୮//

ଏହାର ଏକକିତା ନକଲ ତହସିଲଦାର, ଜାମଦା ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର,ଜାମଦା .

Email Id: - tah.jamda-od@nic.in

**Required Documents for Auction of Quarry Lease:-**

1- Treasury Challan showing deposit of one thousand rupees (non-refundable) towards the application fee.

2- An affidavit stating that no mining due payable under the Act. and the rules made there under is outstanding against the applicant.

3- Proof of payment of earnest money equivalent to five per centum of the minimum amount of additional charge specified in the notice and the amount of royalty. Both calculated on the basis of minimum guaranteed quantity of minor mineral to be extracted in one full year and

4- A solvency Certificate or Bank guarantee valid for a period of eighteen months for an amount not less than the amount of additional charge offered and the royalty payable for the minimum guaranteed quantity for one whose year and a list of immovable properties from the Revenue Authority.

Tahasildar, Jamda,
Mayurbhanj.